# ସଂସ୍କାରକ ଶ୍ରୀବସ୍ତ ପଣ୍ଡା – ଏକ ଦୃଷ୍ଟିପାତ



ସମାଜରେ କିଛି ବ୍ୟକ୍ତି ଜନ୍ମ ନେଇଥାନ୍ତି, ଯେଉଁମାନଙ୍କ କାର୍ଯ୍ୟ, ସଂକଳ୍ପ ଓ ବିଚାର ସମ୍ପୂର୍ଣ୍ଣ ଭାବରେ ସମାଜ ନିମିତ୍ତ ଉତ୍ସର୍ଗୀକୃତ । ସମାଜର ନବନିର୍ମାଣରେ ନେଇଥାନ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା । ମୃତ୍ୟୁ ପରେ ବି ଏମାନେ ବଞ୍ଚି ରହନ୍ତି ଯୁଗ ଯୁଗ ଧରି । ଏହିମାନେ ହିଁ ହେଉଛନ୍ତି ପୃଥିବୀର ଯୁଗ ପୁରୁଷ । ସମାଜ ସେବୀ, ସାହିତ୍ୟିକ, ସାମ୍ବାଦିକ ଓ ସଂସ୍କାରକ ଶ୍ରୀବସ୍ତ ପଣ୍ଡା ଥିଲେ ଏହିପରି ଜଣେ ଯୁଗ ପୁରୁଷ । ତାଙ୍କର ଜନ୍ମ ତା. ୦୧-୧୦-୧୮୭୦ରିଖି ହୋଇଥିବାରୁ ଏହି ଦିବସଟି ପ୍ରତି ଓଡ଼ିଆଙ୍କ ପାଇଁ ଏକ ସ୍ମରଣୀୟ ଦିବସ । ଉତ୍କଳ ପ୍ରଦେଶର ଆଦ୍ୟ ସଂସ୍କାରକ ଶ୍ରୀବସ୍ତ ପଣ୍ଡା ଏହିଦିନ ଭଞ୍ଜନଗର ନିକଟସ୍ଥ ଇଙ୍ଗିନାଠୀ ପଞ୍ଚାୟତର ମନ୍ଦାର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ପିତା ଧରମୁ ପଣ୍ଡା ଓରଫ (ଦାଶରଥି) ଓ ମାତା ବିମଳା ଦେବୀଙ୍କର ସେ ତୃତୀୟ ସନ୍ତାନ ଏବଂ ଅପୁତ୍ରିକ କ୍ଷେତ୍ରବାସୀ ପଣ୍ଡାଙ୍କୁ ଦତ୍ତ ହୋଇଥିଲେ । ଓଡ଼ିଶାରେ ଆର୍ଯ୍ୟ ସମାଜର ପ୍ରଥମ ପ୍ରଚାରକ ତଥା ଗୋ ରକ୍ଷା ଆନ୍ଦୋଳନର ପ୍ରବର୍ତ୍ତକ । ସେ ଥିଲେ ଘୁମୁସର ମାଟିର ପ୍ରଥମ ଗ୍ରାଜ୍ୟୁଏଟ୍ ।

ବାଲ୍ୟ ଶିକ୍ଷା ଗ୍ରାମ ଚାଟଶାଳିରୁ ଆରମ୍ଭ କରି ରାଜମହେନ୍ଦ୍ରୀ କଲେଜରୁ ଦର୍ଶନ ଶାସ୍ତ୍ରରେ ବି.ଏ. ପାଶ୍ କରିଥିଲେ । ତତ୍କାଳୀନ ରସୁଲକୋଣ୍ଡା (ଭଞ୍ଜନଗର) ମିଡ଼ିଲ୍ ସ୍କୁଲ ଶିକ୍ଷା ଅଧ୍ୟୟନ ଠାରୁ ସ୍ନାତକ ପର୍ଯ୍ୟନ୍ତ ସେ ଛାତ୍ରବୃତ୍ତି ପାଇ ଆସୁଥିଲେ । ଶିକ୍ଷା ସମାପ୍ତି ପରେ ପ୍ରଥମେ ଗଂଜାମ କଲେକ୍ଟର କାର୍ଯ୍ୟାଳୟରେ ଜଣେ  କିରାଣି ଭାବରେ ଯୋଗଦେଇଥିଲେ ପରେ ୧୯୦୦ ସାଲରେ ସବ୍ ରେଜିଷ୍ଟ୍ରାର ରୂପେ ନିଯୁକ୍ତି ପାଇଥିଲେ । ସେତିକି ବେଳେ ମିଃ ଟେଲର୍ (Mr. Taylor) ଗଂଜାମର କଲେକ୍ଟର ଭାବେ ଅବସ୍ଥିତ ଥିଲେ । ତାଙ୍କର ଜୀବନକାଳ ଭିତରେ ସେ ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ସଂସ୍କାରବାଦୀ ଭାବନା ସହ ଜଡ଼ିତ ହୋଇପଡ଼ିଥିଲେ । ସାଧାରଣ ମନୁଷ୍ୟ ଜୀବନରେ ସ୍ନେହ, ସମ୍ମାନ ଓ ମୂଲ୍ୟବୋଧର ଅଭାବ, ଅଶାନ୍ତି ଓ ଅତୃପ୍ତିର ନିରାକରଣ ପାଇଁ ସେ ଦୃଢ଼ ସଂକଳ୍ପ ନେଇଥିଲେ । ସମାଜରେ ଚିର ଦିନ ଧରି ଚଳି ଆସୁଥିବା ହିଂସା, ଦ୍ୱେଷ  କପଟତା ତାଙ୍କର ଅଙ୍ଗସ୍ପର୍ଶ କରିପାରିନଥିଲା ।  ନିଜ ପ୍ରଭାବ ଅପେକ୍ଷା ଆଦର୍ଶକୁ ଉଚ୍ଚ ସ୍ଥାନ ମନେ କରୁଥିଲେ । ଜୀବନର ସଫଳତା ଅପେକ୍ଷା ସାମାଜିକ ସଂସ୍କାର ପାଇଁ ତାଙ୍କର ଥିଲା ପ୍ରବଳ ପିପାସା, ସ୍ନେହ ଓ ସହଯୋଗ ।

ହିନ୍ଦୁ ସମାଜର ନାନା କୁସଂସ୍କାର, ଅନ୍ଧ ବିଶ୍ୱାସ, ଜାତିପ୍ରଥା, ଛୁଆଁଅଛୁଆଁ ଭେଦଭାବ, ବ୍ରାହ୍ମଣ୍ୟବାଦ, ମୂର୍ତ୍ତି ପୂଜା, ବହୁ ଦେବଦେବୀ ପୂଜା, ପରଦା ପ୍ରଥା ଆଦି ସାମାଜିକ ଓ ଧାର୍ମିକ କୁସଂସ୍କାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଲେଖନୀ ଚାଳନା କରିଥିବାରୁ ରକ୍ଷଣ ଶୀଳ ଗୋଷ୍ଠୀର ଚକ୍ଷୁ ଶୂଳ ହୋଇପଡ଼ିଥିଲେ । ସେଥିପ୍ରତି ତିଳେ ହେଲେ ଭୃକ୍ଷେପ ନ କରି ସଂସ୍କାର କାର୍ଯ୍ୟକ୍ରମ ଅବ୍ୟାହତ ରଖିଥିଲେ । ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ପ୍ରବର୍ତ୍ତିତ ବୈଦିକ

ବିଚାରଧାରାରେ ଉଦବୁଦ୍ଧ ହୋଇ ବେଦର ପ୍ରଚାର ଓ ପ୍ରସାର ପାଇଁ ନିଜକୁ ସଂପୂର୍ଣ୍ଣ ଉତ୍ସର୍ଗୀକୃତ କରିଥିଲେ । ଶ୍ରୀବସ୍ତ ପଣ୍ଡାଙ୍କ ସମତୁଲ୍ୟ ବ୍ୟକ୍ତିତ୍ୱ ଏ ସମାଜରେ ଦୁର୍ଲ୍ଲଭ ଅନନ୍ୟ ଓ ଅସାଧାରଣ । ପଞ୍ଚମ ଶ୍ରେଣୀରେ ଅଧ୍ୟୟନ କରୁଥିଲା ବେଳେ ତାଙ୍କରି ଲେଖା ସମ୍ବଲପୁର ହିତୈଷିଣୀ, ଇନ୍ଦ୍ରଧନୁ, ବିଜୁଳି ପ୍ରଭୃତି ତତ୍‌କାଳୀନ ସାହିତ୍ୟ ପତ୍ରିକାମାନଙ୍କରେ ପ୍ରକାଶିତ ହୋଇଥିଲା ।

ସରକାରୀ କାର୍ଯ୍ୟରେ ନିୟୋଜିତ ହୋଇ ମଧ ନିଜର ଉନ୍ନତ ଚିନ୍ତାଧାରା ଓ ଉଚ୍ଚ ମହତ୍ କାର୍ଯ୍ୟପ୍ରତି ସଚେତନ ଥିଲେ । ବୈଦିକ ଧର୍ମର ବହୁଳ ପ୍ରସାର, ନାରୀଶିକ୍ଷାର ଉନ୍ନତି ଓ ଗୋ ଜାତିର ମଙ୍ଗଳ ପାଇଁ ନିଜ ଖର୍ଚ୍ଚରେ ବେଲଗୁଣ୍ଠା, ଆସିକା, ଦିଗପହଣ୍ଡି, ମନ୍ଦାର, ପୁରୁଷୋତ୍ତମପୁର, ଗୋବରା, ପୋଲସରା ଓ ତନରଡ଼ା ଠାରେ ମାସିକ ୧୦ଟଙ୍କା ଦରମାରେ ଶିକ୍ଷକ ନିଯୁକ୍ତି କରି ଶିକ୍ଷାଦାନ କରାଉଥିଲେ । ସଂସ୍କୃତ ଶିକ୍ଷାର ପ୍ରସାର ପାଇଁ ଆସିକା ଠାରେ ମ୍ୟାକ୍-ମାଇକେଲ ଆଗ୍ଲୋଂ ସଂସ୍କୃତ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ନିଜ ଖର୍ଚ୍ଚରେ ତନରଡ଼ା ଠାରେ "ଶ୍ରୀ ବସ୍ତ ଗୋ ରକ୍ଷାଶ୍ରମ" ନାମକ ଏକ ବହୁମୁଖୀ ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ । ସେଥିପାଇଁ ନିଜର ୮.୪୧ ଏକର ଜମି ପ୍ରଦାନ କରିଥିବା ବେଳେ, ଗୋଜାତିର ଉନ୍ନତି ପାଇଁ ୩୦ ଏକର ୧୨ ଡ଼େସିମଲ ଜମି ପ୍ରଦାନ କରିଥିଲେ ।

ତା. ୧୩-୦୧-୧୯୦୨ରିଖ ରମ୍ଭା ପ୍ୟାଲେସରେ ଅନୁଷ୍ଠିତ "ଗଂଜାମ ଜାତୀୟ ସମିତି" ଅଧିବେଶନରେ ଶ୍ରୀ ବସ୍ତ ପଣ୍ଡା ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଏହି ସଭାରେ ତତ୍କାଳୀନ ଓଡ଼ିଶା ପ୍ରଦେଶର ବହୁମାନ୍ୟ ଗଣ୍ୟ ବ୍ୟକ୍ତି ଯଥା ଉତ୍କଳ ଗୌରବ ମଧୁସୂଦନ ଦାସ, ଗୌର ଚନ୍ଦ୍ର ଗଜପତି, ପଦ୍ମନାଭ ଦେବ, ହରିହର ମର୍ଦ୍ଧରାଜ, ବିକ୍ରମ ଦେବ ବର୍ମା, ମଦନ ମୋହନ ସିଂ ଦେବ, ଶଶିଭୂଷଣ ରଥ, ଶ୍ୟାମ ସୁନ୍ଦର ରାଜଗୁରୁ ଗଦାଧର ବିଦ୍ୟା ଭୂଷଣ, ନୀଳମଣି ବିଦ୍ୟାରତ୍ନ, ଜୟକୃଷ୍ଣ ଚ୍ୟାଉପଟ୍ଟନାୟକ, ଜଗବନ୍ଧୁ ସିଂ, ନରସିଂହ ଦାସ, ପରମାନନ୍ଦ ସାହୁ, ହରିହର ପଣ୍ଡା ତଥା ମଞ୍ଜୁଷା, ତରଳା ଟେକ୍କଲି, ବୁଢ଼ାର ସିଂ, ଚିକିଟି, ସୁରଙ୍ଗି, ଧରାକୋଟ ରାଜାମାନେ ଯୋଗ ଦେଇଥିଲେ । ଏହି ଅଧିବେଶନ ହିଁ ପରବର୍ତ୍ତି ସମୟରେ ଦେଶମିଶ୍ରଣ ଓ ସତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଆନ୍ଦୋଳନର ସୂତ୍ରପାତ କରିଥିଲା ।

୧୯୦୩ ସାଲ ଏପ୍ରିଲ୍ ୧୧ ଓ ୧୨ ତାରିଖରେ ଉତ୍କଳ ଆଶ୍ରମ, ବ୍ରହ୍ମପୁର ଠାରେ ଅନୁଷ୍ଠିତ ଗଂଜାମ ଜାତୀୟ ସମିତିର ଖୋଲା ଅଧିବେଶରେ ଶ୍ରୀବସ୍ତ ପଣ୍ଡାଙ୍କର ଅବଦାନ ଅତୁଳନୀୟ । ଏହି ଅଧିବେଶନରେ ଉତ୍କଳ ପ୍ରାଣ ମଧୁସୂଦନ, ଗୋପବନ୍ଧୁ ଦାସ, ରାଧାନାଥ ରାୟ, ରାମଚନ୍ଦ୍ର ଦାସ, ଲୋକନାଥ ବିଦ୍ୟାଧର, ରଘୁନାଥ ରାଓ ଓ ଶ୍ୟାମ ସୁନ୍ଦର ରାଜଗୁରୁ ପ୍ରଭୃତି ସଭା ମଣ୍ଡିତ ହୋଇଥିଲେ । ଏହି ସମ୍ମିଳନୀର ଦ୍ୱିତୀୟ ଦିନ ଅଧିବେଶନର ସ୍ୱରଚିତ କେତେକ ଦେଶାତ୍ମବୋଧ କବିତା ପାଠ କରିଥିଲେ । ସରକାରୀ ଚାକିରୀରେ ଥାଇ ମଧ, ସରକାରୀ ବିରୋଧୀ ଲେଖାମାନ ଆଶା, ପ୍ରଜାବନ୍ଧୁ ଓ ଉତ୍କଳ ଦୀପିକାରେ ପ୍ରକାଶ କରିଥିଲେ । ସେହିପରି ସମାଜ ସଂସ୍କାର କ୍ଷେତ୍ରରେ ବାଲ୍ୟ ବିବାହ ପ୍ରଥା ଲୋପ, ବାଲ୍ୟ ବିଧବା ପୁନଃ ବିବାହ ପ୍ରଚଳନ କରାଇଥିଲେ । ନନ୍ଦକିଶୋର ବଳ "କନକଲତା" ଉପନ୍ୟାସ ମାଧମରେ ସମାଜରେ ବିଧବା ବିବାହ ପ୍ରଚଳନ ପାଇଁ ଚେଷ୍ଟା କରିଥିଲା ବେଳେ ପଣ୍ଡାବାବୁ ସ୍ୱଲିଖିତ "ଶଶିକଳା ପରିଣୟ" ନାଟକ ପୁରୁଷୋତ୍ତମପୁର ମର୍ଦ୍ଧରାଜ ରଙ୍ଗାଳୟରେ ପ୍ରଦର୍ଶନ କରାଇଥିଲେ । ପାଣ୍ଡିଆ ଗ୍ରାମର ଆର୍ତ୍ତତ୍ରାଣ ମହାପାତ୍ରଙ୍କୁ, ବୈଦେହୀ ନାମ୍ନୀ ଏକ ବାଲ୍ୟ ବିଧବା ସହ ବିବାହ କରାଇ ରକ୍ଷଣ ଶୀଳ ବାହ୍ମଣ ସମାଜର ବିରୋଧି ହେଲେ ।

ସେ ଥିଲେ କର୍ମଠ ଓ ସତ୍ୟବାଦୀ । ଓଡ଼ିଆ ଭାଷାର ଉନ୍ନତି ପାଇଁ ସେ ବ୍ରହ୍ମପୁର, ଦିଗପହଣ୍ଡି, ପୁରୁଷୋତ୍ତମପୁର, ସୋମପେଣ୍ଠ, ଭଞ୍ଜନଗର, ଆସିକା ଓ ପାର୍ବତୀପୁର ଠାରେ ଉପନିବନ୍ଧକ (ସବ୍ ରେଜିଷ୍ଟ୍ରାର) ଥିବା ବେଳେ ସମସ୍ତ ଇଂରାଜୀ ଦଲିଲକୁ ଓଡ଼ିଆରେ ଅନୁବାଦିତ କରୁଥିଲେ । ଏଥିପାଇଁ ସେ ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲେ ମଧ ନିଜ ଲକ୍ଷ ପଥରୁ ବିଚ୍ୟୁତ ହୋଇନଥିଲେ । ହିନ୍ଦୁ ସମାଜକୁ ଅଧିକ ଶୁଦ୍ଧ ଓ ଚେତନଶୀଳ କରିବା ପାଇଁ ସେ ଆର୍ଯ୍ୟ

ସମାଜର ନିୟମ ଓ ଉଦ୍ଦେଶ୍ୟ ପ୍ରଚାର କରୁଥିଲେ । ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଲିଖିତ ଆର୍ଯ୍ୟ ସାହିତ୍ୟର ଅମୂଲ୍ୟ ଗ୍ରନ୍ଥ "ସତ୍ୟାର୍ଥ ପ୍ରକାଶ"କୁ ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ । ସମାଜରୁ ଅସ୍ପୃଶ୍ୟତା ନିବାରଣ ପାଇଁ "ଅଛବଜାତି" ନାମକ ଏକ ପୁସ୍ତକ ରଚନା କରିଥିଲେ ।

ଓଡ଼ିଆ ଭାଷା ସୁରକ୍ଷା ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ ପୂର୍ବକ ଓଡ଼ିଆମାନଙ୍କ ଭିତରେ ଜାତୀୟ ଜାଗରଣ ଏବଂ ବିଚ୍ଛିନ୍ନ ଉତ୍କଳର ଏକତ୍ରିକରଣ ପାଇଁ  ଉତ୍ସାହ ଜାଗ୍ରତ କରାଇଥିଲେ । ଭଞ୍ଜନଗର ଠାରେ ସବ୍‌ରେଜିଷ୍ଟ୍ରାର ଥିବାବେଳେ, ସାନଖେମୁଣ୍ଡିର ପୋଡ଼ାମାରି ଗଡ଼ ନିବାସୀ ଗୋପୀନାଥ ରାଜଗୁରୁଙ୍କ ସହ ମିଶି ଉତ୍କଳର ଦେଶ ମିଶ୍ରଣ ପ୍ରସ୍ତାବ ଆଗତ କରି ବାଲେଶ୍ୱର ର ରାଜା ବୈକୁଣ୍ଠନାଥ ଦେଙ୍କ ସହାୟତାରେ ତତ୍କାଳୀନ ଗଭର୍ଣ୍ଣର ଜେନେରାଲ ଲର୍ଡ଼ କର୍ଜନଙ୍କ ନିକଟକୁ ଏକ ସ୍ମାରକ ପତ୍ର ପଠାଇ ଥିଲେ ।

ଶ୍ରୀବସ୍ତ ପଣ୍ଡା ଥିଲେ ଜଣେ ସୁସାହିତ୍ୟିକ, ସମାଲୋଚକ ଓ ସୁଲେଖକ । ତାଙ୍କର ଜୀବନ କାଳ ମଧ୍ୟରେ ୭୦ ରୁ ଉର୍ଦ୍ଧ୍ୱ ପୁସ୍ତକ ରଚନା କରିଥିଲେ, ସେଥିରୁ ପ୍ରାୟ ୩୦ ଖଣ୍ଡ ବହି ପ୍ରକାଶିତ ହୋଇ ଲୋକଲୋଚନରେ ପ୍ରତିଷ୍ଠା ଲାଭ କରିଛି । ସେ ସବୁ ହେଲା ସଂସ୍କାରକ ୧-୨-୩ୟ ଭାଗ, ବୈଦିକ ଧର୍ମ, ରାମାୟଣ ଓ ମହାଭାରତ ସାର ସଂଗ୍ରହ, ସଂସ୍କାର ସଂଗୀତାବଳୀ, ଗୋଧନ, ଆରୋଗ୍ୟ ବିଧାନ, ନୀତିଧର୍ମ, ପଞ୍ଚଦେବତା, ମାତୃଭାଷା, ସ୍ୱାସ୍ଥ୍ୟ ରକ୍ଷା, ସୁକ୍ତି ସଂଗ୍ରହ, ଖିତ୍ତୁବାଲି, ଚଷା ଭାଇ, କଲରାପତର, ଦସ୍ତାବିଜ, ଗୃହାଶ୍ରମ, ଶଶିକଳା ପରିଣୟ, କୋଇଲିମାଳିକା, ପୁତ୍ରଶୋକ, ଶୁକପକ୍ଷୀ, ସଂଧ୍ୟା ଇତ୍ୟାଦୀ, ଏସବୁର ମାର୍ମିକ ଅଭିବ୍ୟକ୍ତି ଥିଲା । ସମାଲୋଚନାକୁ ଭୃକ୍ଷେପ ନ କରି ନିଜ ବିଚାରରେ ଯାହା ସିଦ୍ଧ ତାହା ପାଳନ କରିବା ତାଙ୍କର ଏକ ମହତ୍ ଗୁଣ ଥିଲା । ରକ୍ଷଣଶୀଳ ପଣ୍ଡିତ ମାନଙ୍କ ଦ୍ୱାରା ସେ "କଳା ପାହାଡ଼" ଆଖ୍ୟା ପାଇଥିଲେ । ସେ ଥିଲେ ଜଣେ ନିର୍ଭୀକ, ଦେଶପ୍ରେମୀ, ସାହସୀ ଓ ପ୍ରତିଭାବାନ୍ ବ୍ୟକ୍ତି ।

ସଂସ୍କାରଧର୍ମୀ, ସ୍ରଷ୍ଟା, ଜନନାୟକ ଓ କବି ମାନଙ୍କ ଦ୍ୱାରା ସେ ବହୁକ୍ଷେତ୍ରରେ ପ୍ରଶଂସିତ ହୋଇଥିଲେ । ଭକ୍ତକବି ମଧୁସୂଦନ ରାଓ ତାଙ୍କୁ "ଉତ୍କଳ ବିଦ୍ୟା ସାଗର" ଆଖ୍ୟା ଦେଇଥିଲେ ।

ଜନ ସାଧାରଣଙ୍କ ପଠନ ସ୍ପୃହା ବୃଦ୍ଧି ସକାଶେ ବାଲିପଦର ଓ ତନରଡ଼ା ଠାରେ ପାଠାଗାର ସ୍ଥାପନ କରିଥିଲେ । କୁସଂସ୍କାର ବିରୁଦ୍ଧରେ ଶାଣିତ ସ୍ୱର ଉତ୍ତୋଳନ ପ୍ରୟାସରେ ୧୯୦୩  ମସିହାରେ ରମ୍ଭାରୁ "ସଂସ୍କାରକ" ନାମକ ଏକ ମାସିକ ପତ୍ରିକା ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ ପ୍ରକାଶ କରିଥିଲେ ।  ଶ୍ରୀବସ୍ତ ପଣ୍ଡାଙ୍କ ଆର୍ଥିକ ବଦାନ୍ୟତାରେ ବ୍ରହ୍ମପୁରରୁ ଶଶିଭୂଷଣ ରଥଙ୍କ "ଆଶା", ଆସିକାର ଭାଗୀରଥି ଦାଶଙ୍କ "ପ୍ରଜାମିତ୍ର" ବେଲଗୁଣ୍ଠାରୁ "ପଲ୍ଲିବାସୀ" ପ୍ରଭୃତି ପତ୍ରିକା ପ୍ରକାଶ କରୁଥିଲେ । ବେଲଗୁଣ୍ଠା ପଲ୍ଲିବାସୀ ପ୍ରେସରୁ "ଆର୍ଯ୍ୟ" ବୈଦିକ ଧର୍ମ ଓ ସମାଜ ସଂସ୍କାର ବିଷୟକ ମାସିକ ପତ୍ରିକା ପ୍ରକାକ କରୁଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ ପୂର୍ବକ ଇଂରାଜୀ ଶାସକଙ୍କ ଚକ୍ଷୁଶୂଳ କାରଣରୁ ସରକାରୀ ଚାକିରୀରୁ ଇସ୍ତଫା ଦେଇଥିଲେ ।

୧୯୨୧ ମସିହାରେ ଗଂଜାମ ଜିଲ୍ଲା କଂଗ୍ରେସର ପ୍ରଥମ ସଭାପତି ରୂପେ ପୁଣ୍ୟାତ୍ମା ଗୋପବନ୍ଧୁ ଦାଶଙ୍କ ଦ୍ୱାରା ମନୋନୀତ ହୋଇଥିଲେ । ତା. ୨୭-୦୩-୧୯୨୧ରିଖ ମହାତ୍ମା ଗାନ୍ଧିଙ୍କ ବ୍ରହ୍ମପୁର ଆଗମନ ଓ ବ୍ରହ୍ମପୁର ଅବସ୍ଥାନ ଅବସରରେ  ଶ୍ରୀବସ୍ତ ପଣ୍ଡା, ଭିଭିଗିରିଙ୍କ ପିତା ଯୋଗିଆ ପାନ୍ତୁଲୁ, ନନ୍ଦାପ୍ରା ଗୋରାଚାନ୍ଦ ପଟ୍ଟନାୟକ ଓ ଉମା ଚରଣ ପଟ୍ଟନାୟକ, ମହାତ୍ମାଗାନ୍ଧିଙ୍କ ସହ ଉତ୍କଳ ମିଶ୍ରଣ ଆନ୍ଦୋଳନ ଓ ଭାରତୀୟ ସ୍ୱାଧିନତା ସଂଗ୍ରାମ ବିଷୟରେ ଆଲୋଚନା କରିଥିଲେ ।

କବିବର ରାଧାନାଥ ରାୟ, ସ୍ୱଭାବ କବି ଗଙ୍ଗାଧର ମେହେର, ବ୍ୟାସକବି ଫକୀର ମୋହନ ସେନାପତି, ପଲ୍ଲିକବି ନନ୍ଦ କିଶୋର ବଳ, ନାରୀକବି କୁନ୍ତଳା କୁମାରୀ ସାବତ ପ୍ରଭୃତି ଶ୍ରୀବସ୍ତ ପଣ୍ଡାଙ୍କର ସଂସ୍କାରକ ବିଚାରଧାରାରେ ଅତ୍ୟନ୍ତ

ପ୍ରଭାବିତ ହୋଇଥିଲେ । ନିରଞ୍ଜନ ପଟ୍ଟନାୟକ (ଆସ୍କା), ଦୀନବନ୍ଧୁ ବେହେରା (ରତ୍ନପୁର) ବାଞ୍ଛାନିଧି ପଟ୍ଟନାୟକ (ଗୋବରା), କ୍ଷେତ୍ରମଣି ପଣ୍ଡା (ତୁଳସୀପଲ୍ଲୀ), ବାସୁଦେବ ତ୍ରିପାଠୀ (ବଲାଡ଼ି) ପ୍ରଭୃତି ପ୍ରାତଃ ସ୍ମରଣୀୟ ସ୍ୱାଧୀନତା ସଂଗ୍ରାମୀମାନେ ଶ୍ରୀବସ୍ତ ପଣ୍ଡାଙ୍କର ଅତ୍ୟନ୍ତ ଅନୁଗାମୀ ଥିଲେ ।

ତାଙ୍କ ସମ୍ପତ୍ତିର ସର୍ବସ୍ୱ ତନରଡ଼ାସ୍ଥିତ ଗୋରକ୍ଷାଶ୍ରମ ଓ ଆର୍ଯ୍ୟମନ୍ଦିର ପାଇଁ ଦାନ କରି ଦେଇଥିଲେ । ଗୋରକ୍ଷା ଶ୍ରମ ମଧ୍ୟରେ ହିଁ ଶ୍ରଦ୍ଧାନନ୍ଦ ପାଠାଗାର ପକ୍କା ଗୃହ ନିର୍ମାଣ କରାଯାଇଥିଲା । ୧୯୨୬ ମସିହାରେ ବ୍ରହ୍ମପୁର ଠାରେ ବିଧବା ଆଶ୍ରମ ସ୍ଥାପନ କରି ଅବହେଳିତ ବିଧବାମାନଙ୍କୁ ଆଶ୍ରୟ ପ୍ରଦାନ କରିଥିଲେ । ତାଙ୍କର ସ୍ମୃତିରେ ୧୯୭୦ ମସିହାରେ ତନରଡ଼ାଠାରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ଦ୍ୱାରା "ଆର୍ଯ୍ୟ କନ୍ୟା ଗୁରୁକୁଳ" ପ୍ରତିଷ୍ଠିତ ହୋଇଥିଲା ।

ଶ୍ରୀବସ୍ତ ପଣ୍ଡା ସାଧାରଣ ବ୍ୟକ୍ତି ବିଶେଷ ନ ଥିଲେ, ସେଥିରେ ଏକ ଶୁଦ୍ଧ ଶାଶ୍ୱତ ବ୍ୟକ୍ତି । ଯୁଗଯୁଗ ଧରି କେତେ ସ୍ୱଳ୍ପାୟୁ ମାନବ ଅବନୀ ବକ୍ଷରେ ଉଭେଇ ଯାଇଥିବେ ତଥାପି ଶ୍ରୀବସ୍ତଙ୍କ ସଂସ୍କାର ଆନ୍ଦୋଳନ ପଛରେ ଯେଉଁ ଶୁଦ୍ଧ ଚିନ୍ତା, ଶକ୍ତି ଓ ପ୍ରେରଣା ବିଦ୍ୟମାନ ତାହା ଶୁଦ୍ଧ ସୁବର୍ଣ୍ଣ ତୁଲ୍ୟ ନଷ୍ଟ ନ ହୋଇ ତେଜୋମୟ ହୋଇ ଉଦ୍‌ଭାସିତ ହେଉଥିବ ଏହା ନିଃସନ୍ଦେହ । ସେହି ମହାନ ବ୍ୟକ୍ତିଙ୍କର ମହାପ୍ରୟାଣ ଘଟିଥିଲା ତା. ୧୧-୦୫-୧୯୪୩ରିଖ ଦିନ, ୭୩ ବର୍ଷ ବୟସରେ ।

ଶୁଦ୍ଧପୂତ ଶ୍ରୀବସ୍ତ ପଣ୍ଡାଙ୍କ ସଂପର୍କରେ ସ୍ୱୀୟ "ଗଂଜାମ ଭ୍ରମଣ" କାବ୍ୟରେ କବିଶେଖର ଚିନ୍ତାମଣି ମହାନ୍ତି ଲେଖିଛନ୍ତି :-

"ସ୍ପଷ୍ଟବାଦୀ ଦୃଢ଼ କର୍ମୀହେ ଶ୍ରୀବସ୍ତ ପଣ୍ଡା
ତୁମ ପରି କର୍ମବୀର ଲୋଡ଼ା ପାଞ୍ଚଗଣ୍ଡା
ସଂସ୍କାର କାର୍ଯ୍ୟରେ ଭିଡ଼ିଅଛ ଅଣ୍ଟା ।
ଗନ୍ତବ୍ୟ ପଥରେ ମାନନାହିଁ ଖୁଞ୍ଚକଣ୍ଟା"

ଓଡ଼ିଶାର ସର୍ବଶ୍ରେଷ୍ଠ ସଂସ୍କାରକ ଶ୍ରୀବସ୍ତ ପଣ୍ଡା ଆଜି ନାହାନ୍ତି, ସେହି ପବିତ୍ର ଆତ୍ମାର ମହାପ୍ରୟାଣ ପରେ ମର ଦେହ ମାଟିରେ ମିଶଯାଇଛି । ତାଙ୍କର ସତ୍ୟନିଷ୍ଠା, କର୍ମ ପ୍ରେରଣା ଓ ସଂସ୍କାର ଲିପ୍ସା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହୁ ।

**କାହ୍ନ ବାଳକୃଷ୍ଣ ବିହାରୀ**
ଆର୍ଯ୍ୟ ସମାଜ, ବ୍ରହ୍ମପୁର
(M) - 9437659386
E-mail : kbkbihary@gmail.com